ଆନ୍ତର୍ଜାତୀୟ ଥିଏଟର ପ୍ରତିଷ୍ଠାନ ITI / ବିଶ୍ୱ ଥିଏଟର ଦିବସ 2024 - 27 ମାର୍ଚ୍ଚ

ବାର୍ତ୍ତାର ଲେଖକ: ନୋବେଲ ପୁରସ୍କୃତ ଲେଖକ, ନାଟ୍ୟକାର ଶ୍ରୀ ଜୋନ୍ ଫୋସେ (ନରୱେ)

# ବିଶ୍ୱ ଥିଏଟର ଦିବସ ବାର୍ତ୍ତା 2024

## "କଳା ହେଉଛି ଶାନ୍ତି"

ପ୍ରତ୍ୟେକ ବ୍ୟକ୍ତି ଅନନ୍ୟ ତେବେ ଅନ୍ୟ ମାନଙ୍କ ପରି ମଧ୍ୟ । ଆମର ଦୃଶ୍ୟମାନ, ବାହ୍ୟ ରୂପ ହେଉଛି ସମସ୍ତଙ୍କ ଠାରୁ ଭିନ୍ନ, ଅବଶ୍ୟ ତାହା ଭଲ, କିନ୍ତୁ ଆମ ଭିତରୁ ପ୍ରତ୍ୟେକଙ୍କ ଭିତରେ କିଛି ଗୋଟାଏ ଅଛି, ଯାହା କେବଳ ସେହି ବ୍ୟକ୍ତିଙ୍କର ନିଜସ୍ୱ ଅଟେ – ଯାହା କୁହାଯାଇପାରେ ଯେ ସେ ଏକାକୀ ଜଣେ ବ୍ୟକ୍ତି । ଆମେ ଏହାକୁ ସେମାନଙ୍କର ବ୍ରହ୍ମ କିମ୍ବା ସେମାନଙ୍କର ଆତ୍ମା ବୋଲି କହିପାରିବା । କିମ୍ବା ଅନ୍ୟଥା ଆମେ ଏହାକୁ କୌଣସି ଶବ୍ଦରେ ଏକ ଆଖ୍ୟା ନଦେଇ ସେମିତି ଛାଡିଦେଇପାରୁ ।

କିନ୍ତୁ ଆମେ ସମସ୍ତେ ପରସ୍ପରଠାରୁ ଭିନ୍ନ ହେଲେ ବି ଆମେ ମଧ୍ୟ ସମାନ ଅଟୁ । ଆମେ କେଉଁ ଭାଷା କଥା ହେଉ ପଛେ, କେଉଁ ରଙ୍ଗର ଚର୍ମ ଆମର ହେଉ କି କେଉଁ ରଙ୍ଗର ବାଳ ଆମର ହେଇଥାଉ, ଦୁନିଆର ବିଭିନ୍ନ ପ୍ରାନ୍ତର ଲୋକମାନେ ବସ୍ତୁତଃ ସମାନ । ଏହା ଏକ ଦ୍ୱନ୍ଦାତ୍ମକ ସତ୍ୟ ହେଇପାରେ : ଯେ ଏକା ସମୟରେ ଆମେ ପରସ୍ପର ପୁରାପୁରି ସମାନ ଏବଂ ସମ୍ପୂର୍ଣ୍ଣ ଭିନ୍ନ ବି । ହୁଏତ ଆମର ଶରୀର ଏବଂ ପ୍ରାଣ ଭିତରେ ସେତୁ ବାନ୍ଧିବାରେ ଜଣେ ବ୍ୟକ୍ତି ଅନ୍ତର୍ନିହିତ ଭାବରେ ବିପରୀତ । ଉଭୟ ପୃଥିବୀପୃଷ୍ଠର ଦୃଶ୍ୟମାନ ଅସ୍ତିତ୍ୱ ବା ଏହିପରି ପଦାର୍ଥ ଅତିକ୍ରମ କରୁଥିଲେବି, ଆମେ ପୃଥିବୀର ସୀମା ଅତିକ୍ରମ କରୁ ।

କଳା, ଉତ୍ତମ କଳା, ଚମତ୍କାର ଉପାୟରେ ସମଗ୍ର ବିଶ୍ୱ ସହିତ ସଂପୂର୍ଣ୍ଣ ସ୍ୱତନ୍ତ୍ରତାକୁ ଯୋଡିବା ପାଇଁ ଚେଷ୍ଟା କରେ । ଏହା ଆମକୁ ବୁଝେଇ ଦିଏ ସ୍ୱତନ୍ତ୍ରର ଅର୍ଥ କଣ- କେଉଁଟୋ ବିଦେଶୀ । ବିଶ୍ୱର ବ୍ୟାପକତାକୁ ଆଖିରେ ରଖି ଆପଣ ଏହା କହିପାରନ୍ତି । ଏହା କହିବାର

ମାନେ ହେଲା, କଳା ଭାଷା-ଭାଷା ଭିତରେ ଥିବା ପ୍ରାଚୀରକୁ ଭାଂଗିଦିଏ, ଭୌଗଳିକ ଅଞ୍ଚଳ ମଧ୍ୟରେ ଥିବା ଦେଶ ମାନଙ୍କର ସୀମା ଅତିକ୍ରମ କରେ । ଏହା କେବଳ ପ୍ରତ୍ୟେକଙ୍କ ବ୍ୟକ୍ତିଗତ ଗୁଣ ନୁହେଁ, ବରଂ ଅନ୍ୟ ଢଙ୍ଗରେ କୁହାଯାଇପାରେ ଯେ ଏହା ପ୍ରତ୍ୟେକ ଗୋଷ୍ଠୀ ବା ଉଦାହରଣରେ ଦେଶର ବ୍ୟକ୍ତିଗତ ଚରିତ୍ର ମଧ୍ୟ ଏକତ୍ରିତ କରେ ।

କଳା ବିଭିନ୍ନତାକୁ ଭାଙ୍ଗିଦିଏ ନି କି ସବୁକୁ ସମାନ କରି ଦିଏ ନି । ବରଂ ତାର ଓଲଟା, ଏହା ଦେଖାଇ ଦିଏ ଯେ ଆମେ ଅନ୍ୟ ଠାରୁ କେତେ ଅଲଗା, କେତେ ବିଦେଶୀ ବା ଅପରିଚିତ । ସମସ୍ତ ଭଲ କଳା ଭିତରେ କିଛି ଅପରିଚିତ, ବିଦେଶୀ ବା ଅବୁଝା କଥା ଥାଏ ଯାହା ଆମେ ବୁଝିପାରିବା ନାହିଁ , ହୁଏତ ଗୋଟେ ପ୍ରକାର ଆମେ କିଛିଟା ବୁଝୁ ବୋଲି କହି ପାରିବା । କହିବାକୁ ଗଲେ ଏଥିରେ ଏକ ରହସ୍ୟ ଅଛି । ଯାହା ଆମକୁ ଆକର୍ଷିତ କରେ ଏବଂ ଆମକୁ ଆମ ସୀମା ବାହାରକୁ ଏହା ଠେଲିଦିଏ ଏବଂ ଏପରି କରିବା ଦ୍ୱାରା ସମସ୍ତ କଳା ନିଶ୍ଚିତ ଭାବରେ ଅସୀମ ଉତ୍କର୍ଷ ସୃଷ୍ଟି କରେ । ଏହି ଶକ୍ତି ସବୁ କଳା ନିଜ ଭିତରେ ଧାରଣ କରନ୍ତି ଏବଂ ଆମକୁ ଆଗେଇ ବି ନିଅନ୍ତି ।


ମୋର ଜାଣିବାରେ ବିରୋଧୀଙ୍କୁ ଏକାଠି କରିବାର ଏହା ଠାରୁ ଭଲ ଉପାୟ ନାହିଁ । ଏହା ହେଉଛି ଆମେ ଦୁନିଆରେ ଦେଖୁଥିବା ହିଂସାତ୍ମକ ବିବାଦ, ଯାହା ବିନାଶକାରୀ ଅଟେ, ତାହାର ପ୍ରକୃତ ଓଲଟା ପଦ୍ଧତି । ଏହି ହିଂସା ଅତ୍ୟନ୍ତ ଅମାନବିକ, ହାତ ପାହାନ୍ତା ଯାନ୍ତ୍ରିକ-ବିଜ୍ଞାନର ଉଦ୍ଭାବନ ବ୍ୟବହାର କରି କୌଣସି ବି ସ୍ୱତନ୍ତ୍ରତା, ଅପରିଚିତ, ଅନନ୍ୟ ହେବାକୁ, ବିନଷ୍ଟ କରିବାର ପ୍ରଲୋଭନରେ ପଡ଼ିଛି । ଦୁନିଆରେ ଆତଙ୍କବାଦ ଅଛି, ଯୁଦ୍ଧ ଅଛି । ଯେଉଁଥିପାଇଁ ଲୋକେ ଭିନ୍ନତାକୁ , ବିଦେଶୀକୁ , ସ୍ୱତନ୍ତ୍ରତାକୁ ଏକ ଚିତ୍ତାକର୍ଷକ ରହସ୍ୟ ଅପେକ୍ଷା, ଏକ ପାଶବିକ ଅର୍ଥରେ - ନିଜ ଅସ୍ତିତ୍ୱ ପ୍ରତି ଏହାକୁ ବିପଦ ଭାବରେ ଅନୁଭବର ପ୍ରବୃତ୍ତି ଦ୍ୱାରା ଚାଳିତ ହେଉଛନ୍ତି ।

ଏହିପରି ସ୍ୱତନ୍ତ୍ରତା ହେଉ କି ପାର୍ଥକ୍ୟକୁ - ଆମେ ସମସ୍ତେ ଜାଣିପାରିବା ଯେ - ଏକ ସମାନତାର ସମୂହକୁ ଛାଡି ଅଦୃଶ୍ୟ ହେଇଯାଅ, ଯେଉଁଠି ଯାହା ଭିନ୍ନ ତାହା ବିପଦ ଆଉ ତାକୁ ବିଲୋପ କରିବା ଦରକାର । ବିନା ପାର୍ଥକ୍ୟରେ ଦେଖାଯାଉଥିବା ଧର୍ମ ହେଉ କି ରାଜନୈତିକ ଆଦର୍ଶ ହେଉ , ତାକୁ ଭାଙ୍ଗିଦେବା ବା ହରେଇବା ଦରକାର ।

ଯୁଦ୍ଧ ହେଉଛି ଆମ ସମସ୍ତଙ୍କ ଭିତରେ ଯାହା ଅଛି ତାହା ବିରୁଦ୍ଧରେ ଯୁଦ୍ଧ: କିଛି ଅନନ୍ୟ ବା ସ୍ୱତନ୍ତ୍ର । ଏବଂ ଏହା ମଧ୍ୟ ଏକ କଳା ବିରୁଦ୍ଧରେ ଯୁଦ୍ଧ, ଏ ଯୁଦ୍ଧ ସମସ୍ତ କଳା ଭିତର ଗହ୍ୱରରେ ଯାହା ରହିଛି ତାହା ସହ ଯୁଦ୍ଧ ।

ମୁଁ ଏଠାରେ ସାର୍ବଜନୀନ କଳା ବିଷୟରେ କହୁଛି, ବିଶେଷ ଭାବରେ ଥିଏଟର କିମ୍ବା ନାଟକ ଲେଖା ବିଷୟରେ ନୁହେଁ । ଏହାର କାରଣ ହେଉଛି, ଯେପରି ମୁଁ ଆଗରୁ କହିଛି, ସମସ୍ତ ଭଲ କଳା, ତାର ଗଭୀରତା ଭିତରେ, ସେଇ ଗୋଟିଏ ତତ୍ତ୍ୱ ଚାରିପାଖେ ଘୁରି ବୁଲୁଛି : କଳା ସଂପୂର୍ଣ୍ଣ ଅନନ୍ୟ, ସଂପୂର୍ଣ୍ଣ ନିର୍ଦ୍ଦିଷ୍ଟ, ଯାହା ସାରା ବିଶ୍ୱର ହୋଇଥାଏ । ଟିକିନିଖି ବିଷୟକୁ ଏକତ୍ର କରିବା । କଳାତ୍ମକ ପ୍ରକାଶ ମାଧ୍ୟମରେ ବ୍ରହ୍ମାଣ୍ଡ ସହିତ ଯୋଡିବା : ଏହାର ସ୍ୱତନ୍ତ୍ରତାକୁ ହଟାଇବା ନାହିଁ ବରଂ ଏହି ସ୍ୱତନ୍ତ୍ରତାର ଗୁରୁତ୍ୱ ବଢାଇବା, ଯାହା ଅଜଣା ଏବଂ ଅପରିଚିତ, ତାହା ସ୍ପଷ୍ଟ ଭାବରେ ଉଜ୍ଜ୍ୱଳ ହେବାକୁ ଦେବା ।

ସାଧା-ସିଧାରେ କହିଲେ - ଯୁଦ୍ଧ ଏବଂ କଳା ବିପରୀତ, ଯେପରି ଯୁଦ୍ଧ ଏବଂ ଶାନ୍ତି ବିପରୀତ । ତେଣୁ - କଳା ହେଉଛି ଶାନ୍ତି ।



ଇଂରାଜୀ ଅନୁବାଦ : ଡ୍ୟାମିନ୍ ସର୍ଲସ୍

ଓଡିଆ ଅନୁବାଦ : ସୁବୋଧ ପଟନାୟକ (ନାଟ୍ୟ ଚେତନା)